इस पुस्तिका में **20** मुद्रित पृष्ठ हैं।
This Booklet contains **20** printed pages.

# MVD18–II

परीक्षा पुस्तिका संख्या
Test Booklet No.

LANG. CODE
**14**

## प्रश्न-पत्र—II / PAPER—II
## उड़िया भाषा परिशिष्ट / ODIA LANGUAGE SUPPLEMENT
## भाग IV & V / PART IV & V

परीक्षा पुस्तिका संकेत
**Test Booklet Code**

**M**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ संख्या 20) पर दिए गए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page No. 20) of this Test Booklet.**

**उड़िया में निर्देशों के लिए इस पुस्तिका की पृष्ठ संख्या 2 व 19 देखें।**
**For Instructions in Odia, see Page Nos. 2 and 19 of this Booklet.**

### परीक्षार्थियों के लिए निर्देश :

1. यह पुस्तिका मुख्य परीक्षा पुस्तिका का एक परिशिष्ट है, उन परीक्षार्थियों के लिए जो **या** तो भाग—IV (भाषा—I) **या** भाग—V (भाषा—II) **उड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेजी व हिन्दी भाषा पर प्रश्न मुख्य परीक्षा पुस्तिका में भाग—IV व भाग—V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर-पत्र पर निशान लगाने के लिए **केवल काले/नीले बॉलपॉइंट पेन** का प्रयोग करें।
5. इस भाषा पुस्तिका का **संकेत M** है। यह सुनिश्चित कर लें कि इस भाषा परिशिष्ट परीक्षा पुस्तिका का संकेत, उत्तर-पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं तथा प्रत्येक 1 अंक का है :

   भाग—IV : भाषा—I (उड़िया) (प्रश्न सं० 91–120)
   भाग—V : भाषा—II (उड़िया) (प्रश्न सं० 121–150)
7. भाग—IV में भाषा—I के लिए 30 प्रश्न और भाग—V में भाषा—II के लिए 30 प्रश्न दिए गए हैं। इस परीक्षा पुस्तिका में केवल उड़िया भाषा से सम्बन्धित प्रश्न दिए गए हैं। **यदि भाषा—I और/या भाषा—II में आपके द्वारा चुनी गई भाषा(एँ) उड़िया के अलावा है/हैं, तो कृपया उस भाषा वाली परीक्षा पुस्तिका माँग लें। जिन भाषाओं के प्रश्नों के उत्तर आप दे रहे हैं वह आवेदन-पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग—V (भाषा—II) के लिए, भाषा सूची से ऐसी भाषा चुनें जो उनके द्वारा भाषा—I (भाग—IV) में चुनी गई भाषा से भिन्न हो।**
9. रफ़ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर-पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

### *Instructions for Candidates :*

1. This Booklet is a Supplement to the Main Test Booklet for those candidates who wish to answer **EITHER** Part—IV (Language—I) **OR** Part—V (Language—II) in **Odia** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part—IV and Part—V have been given in the Main Test Booklet. Language Supplements can be asked for separately.
4. Use **Black/Blue Ballpoint Pen only** for writing particulars on this page/marking responses in the Answer Sheet.
5. The CODE for this Language Booklet is **M**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **Two** Parts, IV and V, consisting of **60** Objective-type Questions and each carrying 1 mark :

   Part—IV : Language—I (Odia) (Q. Nos. 91–120)
   Part—V : Language—II (Odia) (Q. Nos. 121–150)
7. Part—IV contains 30 questions for Language—I and Part—V contains 30 questions for Language—II. In this Test Booklet, only questions pertaining to Odia Language have been given. **In case, the language(s) you have opted for as Language—I and/or Language—II is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part—V (Language—II) in a language other than the one chosen as Language—I (Part—IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) : ____________________
Name of the Candidate (in Capital letters)

अनुक्रमांक (अंकों में) : ____________________
Roll Number (in figures)

(शब्दों में) : ____________________
(in words)

परीक्षा-केन्द्र (बड़े अक्षरों में) : ____________________
Centre of Examination (in Capital letters)

परीक्षार्थी के हस्ताक्षर : ____________________
Candidate's Signature

निरीक्षक के हस्ताक्षर : ____________________
Invigilator's Signature

Facsimile Signature Stamp of Centre Superintendent ____________________

ଏହି ପୁସ୍ତକରେ **20** ପୃଷ୍ଠା ଅଛି।

# MVD18–II

**ପ୍ରଶ୍ନପତ୍ର—II**

## ଓଡ଼ିଆ ଭାଷା ପରିଶିଷ୍ଟ

**ଭାଗ IV & V**

ପରୀକ୍ଷା ପୁସ୍ତକ କୋଡ୍

**M**

LANG. CODE

**14**

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ।

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :***

**1.** ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ। ଯେଉଁ ପରୀକ୍ଷାର୍ଥୀଗଣ ଭାଗ–IV (ଭାଷା–I) **ଅଥବା** ଭାଗ–V (ଭାଷା–II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ। ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ।**

**2.** ପରୀକ୍ଷାର୍ଥୀ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ–IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ।

**3.** ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ–IV ଓ V (ମୁଖ୍ୟ ପ୍ରଶ୍ନପତ୍ର)ରେ ଦିଆଯାଇଛି। ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ।

**4.** **କେବଳ କଳା/ନୀଳ ବଲ୍‌ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନଟ କରିବାରେ ବ୍ୟବହାର କରିବେ।

**5.** ଏହି ପ୍ରଶ୍ନପତ୍ରର କୋଡ୍ ହେଉଛି **M**. ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା–2**ରେ ସମାନ କୋଡ୍ ରହିବା ନିଶ୍ଚିତ। ଭାଷା ପରିଶିଷ୍ଟର କୋଡ୍ ମଧ୍ୟ ସମାନ ରହିବ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ।

**6.** ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ, ଭାଗ–IV ଓ V, ସମୁଦାୟ **60**ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 :

| | | |
|---|---|---|
| ଭାଗ—IV : | ଭାଷା—I (ଓଡ଼ିଆ) | (ପ୍ରଶ୍ନ ସଂଖ୍ୟା 91–120) |
| ଭାଗ—V : | ଭାଷା—II (ଓଡ଼ିଆ) | (ପ୍ରଶ୍ନ ସଂଖ୍ୟା 121–150) |

**7.** ଭାଗ—IV (ଭାଷା—I) ରେ **30**ଟି ପ୍ରଶ୍ନ ଓ ଭାଗ—V (ଭାଷା—II) ରେ **30**ଟି ପ୍ରଶ୍ନ ରହିଛି। ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି। **ଯଦି କେହି ଓଡ଼ିଆ ଭାଷା–I ଅଥବା ଭାଷା–II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ। ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷାରୂପେ ବିବେଚନା କରାଯିବ।**

**8.** **ଭାଗ—V (ଭାଷା—II) ରେ ଉତ୍ତର ଦେବା ପାଇଁ ଭାଗ–IV (ଭାଷା–I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ।**

**9.** ପ୍ରଶ୍ନପତ୍ରରେ 'ରଫ କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ।

**10.** ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳା କାଳି ବ୍ୟବହୃତ ହେବ ନାହିଁ।

ପରୀକ୍ଷାର୍ଥୀର ନାମ : ____________________

ରୋଲ ନମ୍ବର (ଅଙ୍କରେ ଲେଖନ୍ତୁ) : ____________________

(ଶବ୍ଦରେ ଲେଖନ୍ତୁ) : ____________________

ପରୀକ୍ଷା କେନ୍ଦ୍ର : ____________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ____________ ନିରୀକ୍ଷକଙ୍କର ହସ୍ତାକ୍ଷର : ____________

Facsimile signature stamp of Centre Superintendent ____________________

ପରୀକ୍ଷାର୍ଥୀ **ଭାଷା–I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–IV**ରେ **(ପ୍ରଶ୍ନ ସଂଖ୍ୟା 91–120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

Candidates should attempt the questions from **Part–IV (Q. Nos. 91–120)**, if they have opted **ODIA** as **Language–I** only.

# Part—IV / ଭାଗ—IV

## Language—I / ଭାଷା—I

## Odia / ଓଡ଼ିଆ

> ପରୀକ୍ଷାର୍ଥୀ **ଭାଷା–I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–IV**ରେ **(ପ୍ରଶ୍ନ ସଂଖ୍ୟା 91–120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

**ନିର୍ଦ୍ଦେଶ :** ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛି ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ **(ପ୍ରଶ୍ନ ସଂଖ୍ୟା 91–105)**।

**91.** ଭାଷା ଶିକ୍ଷଣରେ ଦୁର୍ବଳ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସର୍ବୋତ୍‌କୃଷ୍ଟ ଶିକ୍ଷଣ ପଦ୍ଧତି ହେଲା—

(1) ବ୍ୟକ୍ତିଗତ ଶିକ୍ଷଣ ବ୍ୟବସ୍ଥା

(2) ସମୂହ ଶିକ୍ଷଣ ବ୍ୟବସ୍ଥା

(3) ଯୁଗ୍ମ ଶିକ୍ଷଣ ବ୍ୟବସ୍ଥା

(4) ଏ ସମସ୍ତ ବ୍ୟବସ୍ଥା

**92.** ଭାଷା ଶିକ୍ଷଣରେ ବସ୍ତୁନିଷ୍ଠ ମୂଲ୍ୟାଙ୍କନ ନିମନ୍ତେ କ'ଣ ଆବଶ୍ୟକ ?

(1) ବସ୍ତୁନିଷ୍ଠ ଏବଂ ଆଲୋଚନାତ୍ମକ ହେବା

(2) ବୋଧ୍ୟାତ୍ମକ ଓ ବ୍ୟବହାରାତ୍ମକ ହେବା

(3) ବିଶ୍ୱାସନୀୟ ଓ ଯୁକ୍ତିସଂଗତ ହେବା

(4) ଏ ସମସ୍ତ ଦେଖାଦେବା

**93.** ଏଥିମଧ୍ୟରୁ କେଉଁଟି ଭାଷା ଶିକ୍ଷଣର ଲକ୍ଷ୍ୟ ନୁହେଁ ?

(1) ବିଚାରର ଅଭିବ୍ୟକ୍ତି

(2) ଭାଷାବୋଧ

(3) ଲିଖନ ଦକ୍ଷତା

(4) ସୃଜନାତ୍ମକତା

**94.** ଭାଷା କୌଶଳ ସନ୍ଦର୍ଭରେ କେଉଁ ବକ୍ତବ୍ୟ ସତ୍ୟ ନୁହେଁ ?

(1) ଭାଷା କୌଶଳର ବିକାଶରେ ଭାଷା–ବ୍ୟବହାର ତୁଳନାରେ ଭାଷା–ସିଦ୍ଧାନ୍ତ ଅଧିକ ମହତ୍ତ୍ୱପୂର୍ଣ୍ଣ

(2) ଶିକ୍ଷାର୍ଥୀ କେବଳ ଶ୍ରବଣ, କଥନ, ପଠନ ଓ ଲିଖନ କ୍ରମରେ ଭାଷା ଶିକ୍ଷା କରିଥାନ୍ତି

(3) କଥନ ତଥା ଲିଖନ କୌଶଳ ବୃଦ୍ଧି ପାଇଁ ବିଦ୍ୟାଳୟରେ ଗୁରୁତ୍ୱ ଦେବା ଆବଶ୍ୟକ

(4) ଭାଷାର ସମସ୍ତ ଚାରୋଟି କୌଶଳ ପରସ୍ପର ସଂପର୍କିତ

**95.** ''ପିଲାମାନେ ଯେଉଁ ଭାଷାର ବ୍ୟାକରଣ ଜାଣନ୍ତି ନାହିଁ ସେହି ଭାଷାକୁ ଶୀଘ୍ର ଶିଖି ପାରିଥାନ୍ତି।'' ଏ ଉକ୍ତିଟି କାହାର ?

(1) ମହର୍ଷି ପତଞ୍ଜଳି

(2) ଲଡ୍ ସ୍ୱିଟ୍

(3) ଲଡ୍ ମେକାଲେ

(4) ଜ୍ୟାଁ ପିଆଜେଟ୍

**96.** ଆପଣ ପଢ଼ାଉଥିବା ସମୟରେ ପିଲାମାନେ ସମୟ ସମୟରେ କ୍ଲିଷ୍ଟ ପ୍ରଶ୍ନ ପଚାରିବା ସଂଗେ ସଂଗେ ଭାଷା ସଂପର୍କରେ ସେମାନଙ୍କ ମନରେ ଦେଖାଦେଉଥିବା ସନ୍ଦେହଗୁଡ଼ିକ ଉଠାଇଥାଆନ୍ତି। ଏପରି ପରିସ୍ଥିତିରେ ଆପଣ କ'ଣ କରିବେ ?

(1) ଆପଣ ପ୍ରସ୍ତୁତ ହୋଇ ଯିବେ ଓ ସଂଗେ ସଂଗେ ଉପଯୁକ୍ତ ଉତ୍ତର ଦେଇ ସେମାନଙ୍କ ସନ୍ଦେହ ଦୂର କରିବେ

(2) ସେମାନଙ୍କର ପ୍ରଶ୍ନ ଓ ଦେଖାଦେଇଥିବା ସନ୍ଦେହକୁ ଟିପିନେଇ ପର ଦିନ ଦୂର କରାଇବେ

(3) ଆପଣ ସେମାନଙ୍କୁ ପୁସ୍ତକ ପୁଣିଥରେ ପଢ଼ିବାକୁ ଉପଦେଶ ଦେବେ ଏବଂ ପର ଦିନ ସେ ସଂପର୍କରେ ଆଲୋଚନା କରି ସନ୍ଦେହ ଦୂର କରାଇବେ

(4) ସେଭଳି ଶିକ୍ଷାର୍ଥୀଙ୍କୁ ଆପଣ ଗାଳିଦେଇ ଶୃଙ୍ଖଳା ରକ୍ଷା କରିବାକୁ କହିବେ

**97.** ଅଧିକ ପଢ଼ିବାକୁ ବାଧ୍ୟ କରିବା ଯୋଗୁଁ ଶିକ୍ଷାର୍ଥୀଙ୍କ ବିକାଶରେ କିପରି କ୍ଷତି ସାଧନ ହୋଇଥାଏ ?

(1) ସେମାନଙ୍କ ବୁଦ୍ଧିରେ ବିକାଶ ହୋଇନଥାଏ

(2) ସେମାନଙ୍କର ଆତ୍ମବିଶ୍ୱାସ ହାନି ଘଟିଥାଏ

(3) ସେମାନେ କକ୍ଷ ଅଧ୍ୟୟନଠାରୁ ପୃଥକ ହୋଇଯାଇଥାନ୍ତି

(4) ସେମାନେ ପଢ଼ାରେ ଉପଯୁକ୍ତ ଧ୍ୟାନ ଦେଇପାରି ନଥାନ୍ତି

**98.** ଭାଷା ଶିକ୍ଷଣରେ ଆଗମନାତ୍ମକ ପଦ୍ଧତିରେ ଏକ ଲାଭ ହୋଇଥାଏ। ଫଳରେ—

(1) ଶିକ୍ଷାର୍ଥୀଙ୍କୁ ଗୃହକର୍ମ (homework) କରିବାକୁ ପଡ଼ିନଥାଏ

(2) ଶିକ୍ଷାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାର ଅଭ୍ୟାସ ଦେଖା ଦେଇନଥାଏ

(3) କକ୍ଷରେ ଅନୁଶାସନ ରକ୍ଷା କରାଯାଇଥାଏ

(4) ଶିକ୍ଷାର୍ଥୀ ପାଠପଢ଼ାରେ ଆବଶ୍ୟକୀୟ ଧ୍ୟାନ ଦେଇ ପାରନ୍ତି ନାହିଁ

**99.** ଭାଷା କିପରି ଅଭିବ୍ୟକ୍ତି ଓ ମତ ବ୍ୟକ୍ତ କରିବାର ଯଥାର୍ଥ ମାଧ୍ୟମ ହୋଇପାରିବ ?

(1) ପ୍ରଚାର ଦ୍ୱାରା

(2) ସଂଗ୍ରହ ଦ୍ୱାରା

(3) ବିନିମୟ ଦ୍ୱାରା

(4) ଏ ସମସ୍ତ ପଦ୍ଧତିରେ

**100.** ଭାରତର ପିଲାମାନେ କ'ଣ ଶିକ୍ଷା କରିବା ଅଧିକ ଆବଶ୍ୟକ ?

(1) ମାତୃଭାଷା

(2) ମାତୃଭାଷା ସହିତ କ୍ଷେତ୍ରୀୟ ଭାଷା

(3) ଉଭୟ ମାତୃଭାଷା ଓ ଇଂରେଜୀ

(4) ଯେକୌଣସି ତିନୋଟି ଭାଷା

**101.** କୌଣସି ସମାବେଶୀ କକ୍ଷ (inclusive class-room)ରେ ଭାଷା ଶିକ୍ଷା ଏକ ସମସ୍ୟା । କାରଣ—

(1) ଉପଯୁକ୍ତ ଭାଷା ଶିକ୍ଷା ବାତାବରଣର ବିକାଶରେ ଅଭାବ

(2) ଉପଯୁକ୍ତ ଭାଷା ଶିକ୍ଷା ଉପକରଣର ଅଭାବ

(3) ଶିକ୍ଷାର୍ଥୀଙ୍କ ଯୋଗ୍ୟତାରେ ବିଷମତା

(4) ଶିକ୍ଷାର୍ଥୀଙ୍କ ରୁଚିରେ ଅସମତା

**102.** ଏଥିମଧ୍ୟରୁ କେଉଁଟି ମାତୃଭାଷା ଶିକ୍ଷଣ ପାଇଁ ଉଦ୍ଦିଷ୍ଟ ନୁହେଁ ?

(1) ଭାଷାତତ୍ତ୍ୱ ଉପରେ ପର୍ଯ୍ୟାପ୍ତ ଜ୍ଞାନ ଅର୍ଜନ

(2) ବିଷୟବସ୍ତୁରେ ଜ୍ଞାନ ଅର୍ଜନ

(3) ଉଚ୍ଚାରଣରେ ଜ୍ଞାନ ଅର୍ଜନ

(4) ଭାଷାରେ ବିଭିନ୍ନ ପ୍ରକାରର ଲିଖନ ଉପରେ ଜ୍ଞାନ ଅର୍ଜନ

**103.** ଏଥିମଧ୍ୟରୁ କେଉଁଟି ଏକ ଶିକ୍ଷଣ ପଦ୍ଧତି ?

(1) ଚୟନ ପଦ୍ଧତି

(2) ରୁଚି ପଦ୍ଧତି

(3) ପ୍ରେରଣା ପଦ୍ଧତି

(4) ଏ ସମସ୍ତ ପଦ୍ଧତି

**104.** ଭାଷା ଶିକ୍ଷଣରେ ଶ୍ରାବ୍ୟ-ଦୃଶ୍ୟ ସାମଗ୍ରୀ (Audio-visual aids) କେଉଁଥି ପାଇଁ ଉପଯୋଗୀ ?

(1) ଶୁଦ୍ଧ ଉଚ୍ଚାରଣ

(2) ଶୁଦ୍ଧ ଲିଖନ

(3) ଶୁଦ୍ଧ ପାଠ

(4) ଏଥିମଧ୍ୟରୁ କେଉଁଟି ନୁହେଁ

**105.** ଉପଚାରାତ୍ମକ ଶିକ୍ଷଣ (Remedial Teaching) ପଦ୍ଧତି—

(1) ସମସ୍ୟା ଅନୁଧ୍ୟାନର ସ୍ତର ବୃଦ୍ଧି କରିଥାଏ ।

(2) ସମସ୍ୟାର ସମାଧାନରେ ସଫଳତା ଆଣିଥାଏ ।

(3) ବ୍ୟତିକ୍ରମ ମାଧ୍ୟମରେ ସମସ୍ୟାର ପ୍ରସ୍ତୁତି କରାଯାଇଥାଏ ।

(4) ସମସ୍ୟାର ସମାଧାନ ପାଇଁ ଭାଷା ସିଦ୍ଧାନ୍ତର ଜ୍ଞାନ ପ୍ରଦାନ କରିଥାଏ ।

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ **(ପ୍ରଶ୍ନ ସଂଖ୍ୟା 106–114)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ ।

‘‘ପୃଥିବୀର ସମସ୍ତ ଶିଳ୍ପୋନ୍ନତ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ବଳରେ କୃଷି, ଶିଳ୍ପ, ଚିକିତ୍ସା, ଶିକ୍ଷା ଓ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ କର୍ମତତ୍ପର ହେବାର ପରିଣତିସ୍ୱରୂପ ବିଜ୍ଞାନାଶ୍ରୟୀ ସଭ୍ୟତାର ଉତ୍ତରୋତ୍ତର ସମୃଦ୍ଧି ସାଧନ ପଥରେ ଶକ୍ତି ଅନଟନ ସମସ୍ୟା ବୁଦ୍ଧିଜୀବୀମାନଙ୍କ ମାନସ ପଟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ପାଶ୍ଚାତ୍ୟ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକରେ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନରେ ତ୍ୱରାନ୍ୱିତ ଅଭିବୃଦ୍ଧି ଘଟାଇବା ପାଇଁ ଅଧିକରୁ ଅଧିକ ପରିମାଣର ଶକ୍ତି ବ୍ୟବହୃତ ହେବାରୁ ଶକ୍ତି ଯୋଗାଣକାରୀ ପ୍ରାକୃତିକ ଉତ୍ସଗୁଡ଼ିକ ଭୂପୃଷ୍ଠରୁ ନିଃଶେଷ ହୋଇଯିବାର ଆଶଙ୍କା ଜନମାନସକୁ ବିବ୍ରତ କରି ପକାଇଛି। ପୁଣି କୋଇଲା, ଖଣିଜ ତୈଳ, ପାରମାଣବିକ ଶକ୍ତି ପ୍ରଭୃତିର ଅପରିଣାମଦର୍ଶୀ ପ୍ରୟୋଗ ଯୋଗୁଁ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କରେ ପ୍ରାକୃତିକ ପରିବେଶର ଦୂଷତୀକରଣ ଜନଜୀବନକୁ ବିପର୍ଯ୍ୟସ୍ତ କରିପକାଇଛି। ଖଣିଜ ତୈଳର କ୍ରମବର୍ଦ୍ଧମାନ ଚାହିଦା ପୂରଣ ପାଇଁ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ନିଜ ଦେଶକୁ ଯେପରି ଅଶୋଧିତ ଖଣିଜ ତୈଳ ଆମଦାନୀ କରିପାରୁଥିଲେ, ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକର ଐକ୍ୟବଦ୍ଧ ବଣିଜସୁଲଭ କର୍ମପ୍ରବଣତା ଯୋଗୁଁ ସେମାନେ ଆଉ ସେପରି ଶସ୍ତା ଦରରେ ଖଣିଜ ତୈଳ ପାଇପାରୁ ନାହାନ୍ତି। ଖଣିଜ ତୈଳର ଦର ବଢ଼ିଯିବାରୁ ସେମାନେ ଏହାର ଖର୍ଚ୍ଚକୁ କମାଇବା ଉଦ୍ଦେଶ୍ୟରେ ପ୍ରଯୁକ୍ତି ବିଦ୍ୟା ବିନିମୟରେ ବିହିତ ପଦକ୍ଷେପ ଗ୍ରହଣ କରିବା ସଂଗେ ସଂଗେ କ୍ରମବର୍ଦ୍ଧମାନ ଚାହିଦା ମେଣ୍ଟାଇବା ପାଇଁ ପରିବେଶକୁ ଦୂଷିତ କରିପାରୁନଥିବା ତଥା ସୁଲଭ ହୋଇଥିବା ଶକ୍ତିର ବିକଳ୍ପ ଉତ୍ସ ସନ୍ଧାନ କରିବା ଦିଗରେ ଗୁରୁତ୍ୱ ଆରୋପ କରୁଛନ୍ତି। ଆମ ଦେଶ ପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତି ଯୋଗାଣ ବ୍ୟାପାରରେ ସ୍ୱାବଲମ୍ବୀ ହେବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଚଳାଇଛନ୍ତି।’’

**106.** ଅନୁଚ୍ଛେଦଟିରେ କେଉଁ ବିଦ୍ୟା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ?

(1) ଚିକିତ୍ସା ବିଦ୍ୟା

(2) କୃଷି ବିଦ୍ୟା

(3) ଶିଳ୍ପ ବିଦ୍ୟା

(4) ପ୍ରଯୁକ୍ତି ବିଦ୍ୟା

**107.** ମନୁଷ୍ୟ କେଉଁ କାରଣରୁ ବିବ୍ରତ ?

(1) ପରିବେଶର ଦୂଷତୀକରଣ

(2) ପ୍ରଯୁକ୍ତି ବିଦ୍ୟାର ବିନିଯୋଗ

(3) ଶକ୍ତି ଯୋଗାଣକାରୀ ପ୍ରାକୃତିକ ଉତ୍ସର ଅଭାବ

(4) ଖଣିଜ ତୈଳର ଚାହିଦା

**108.** ‘ଆମଦାନୀ’ ଶବ୍ଦର ବିପରୀତାର୍ଥକ ଶବ୍ଦଟି ହେବ—

(1) ସ୍ୱାବଲମ୍ବୀ

(2) ଅନଟନ

(3) ନିଃଶେଷ

(4) ରପ୍ତାନୀ

**109.** 'କ୍ରମବର୍ଦ୍ଧମାନ' କହିଲେ କ'ଣ ବୁଝାଏ ?

(1) ପର୍ଯ୍ୟାପ୍ତ ପରିମାଣରେ ବୃଦ୍ଧି

(2) ଧୀରେ ଧୀରେ ବୃଦ୍ଧି

(3) ଅସମୟରେ ବୃଦ୍ଧି

(4) କ୍ରମାଗତ ଭାବରେ ବୃଦ୍ଧି

**110.** 'ପରିମାଣର'—ଏଥିରେ କେଉଁ ବିଭକ୍ତିର ସୂଚନା ମିଳିଥାଏ ?

(1) ଦ୍ୱିତୀୟା

(2) ଚତୁର୍ଥୀ

(3) ଷଷ୍ଠୀ

(4) ସପ୍ତମୀ

**111.** 'ବିନିମୟ' କହିଲେ ବୁଝାଏ—

(1) ତୁଳନା

(2) ଅହରହ

(3) ବଦଳ

(4) ଆଶଙ୍କା

**112.** 'ବିକାଶଶୀଳ'ର ବିପରୀତାର୍ଥକ ଶବ୍ଦଟି ହେବ—

(1) ବିକାଶମୟ

(2) ବିକାଶକ୍ରମ

(3) ବିକାଶହୀନ

(4) ବିକାଶଧାରା

**113.** କେଉଁ କାରଣରୁ ବୁଦ୍ଧିଜୀବୀମାନେ ଚିନ୍ତିତ ?

(1) ଖଣିଜ ତୈଳର ଚାହିଦା ବୃଦ୍ଧି

(2) ଖଣିଜ ତୈଳର ଚାହିଦାରେ ହ୍ରାସ

(3) ବିଜ୍ଞାନାଶ୍ରୟୀ ସମସ୍ୟାର ପ୍ରଭାବ

(4) ଶକ୍ତି ଅନଟନ ସମସ୍ୟା

**114.** ଶସ୍ତା ଦରରେ ଖଣିଜ ତୈଳ ମିଳୁନଥିବାର କାରଣ କ'ଣ ?

(1) ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକର ଐକ୍ୟବଦ୍ଧ କର୍ମପ୍ରବଣତା

(2) ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ସ୍ୱାବଲମ୍ବୀ ଭାବ

(3) ଶକ୍ତିର ବିକଳ୍ପ ଉତ୍ସ ସନ୍ଧାନରେ ଅପାରଗତା

(4) ବିଜ୍ଞାନାଶ୍ରୟୀ ସଭ୍ୟତାର ଉତ୍ତରୋତ୍ତର ସମୃଦ୍ଧି

**ନିର୍ଦ୍ଦେଶ :** ନିମ୍ନ କବିତାଂଶଟି ପାଠକରି ଏହାର ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ **(ପ୍ରଶ୍ନ ସଂଖ୍ୟା 115–120)**ର ଉତ୍ତର ଭାବେ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ।

ଚିଲିକା ! ତୋହର ଏଇ ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ
ଅଟେ ସର୍ବଶୋଭା–ସୀମନ୍ତର ଟୀକା;
ପ୍ରକୃତିର ଚାରୁ ଆଲେଖ୍ୟ–ଶାଳିକା।

ଏ ସୁଖର ମୁହିଁ ନୁହଁଇ ଭାଜନ,
ମୋ' ଭାଗେ ଏ ସିନା ଭଙ୍ଗୁର ସ୍ୱପନ;
ସଂସାର–ନିଗଡ଼େ ସଂସାର–ଜାରାରେ
ଯାପିଚି ଜୀବନ ସଦା ହାହାକାରେ।

ବାଦୀ କାରାଗୃହେ ସ୍ମରୁଥାଇ ଯଥା
ଚିରହୃତ ତା'ର ପୂର୍ବ ସ୍ୱାଧୀନତା।
ସଂସାର ନିରୟେ ଅଙ୍ଗ ଦେଇ ଢାଳି
କରିବି ଏହାକୁ ସ୍ମୃତିର ସଙ୍ଖାଳି।
ମାଗୁଛି ଚିଲିକା ମେଲାଣି ତୋ'ଠାରେ,
ବାହୁଡ଼ିବି ଏବେ ଦାରୁଣ ସଂସାରେ।

**115.** କବିତାଟିରେ କାହାକୁ ପ୍ରକୃତିର 'ଚାରୁ ଆଲେଖ୍ୟ–ଶାଳିକା' କୁହାଯାଇଛି ?

(1) ପ୍ରକୃତିକୁ

(2) ସ୍ୱପ୍ନକୁ

(3) ଚିଲିକାକୁ

(4) ସୌନ୍ଦର୍ଯ୍ୟକୁ

**116.** କିଏ ସର୍ବଦା ହାହାକାରରେ ଜୀବନ ବିତାଉଛନ୍ତି ?

(1) ମଣିଷ ସମାଜ

(2) ସୁଖକୁ ଆଶା କରୁଥିବା ବ୍ୟକ୍ତି

(3) ଦାରୁଣ ଦୁଃଖରେ ସମୟ କଟାଉଥିବା ବ୍ୟକ୍ତି

(4) କବି ବା କାବ୍ୟ ନାୟକ

**117.** କବିତାଟିରେ କେଉଁ ଶବ୍ଦ 'ସନ୍ଧ୍ୟା' ସମୟର ସୂଚନା ପ୍ରଦାନ କରିଥାଏ ?

(1) ବନ୍ଦୀ କାରାଗୃହ

(2) ସାୟନ୍ତନ

(3) ଦାରୁଣ ସଂସାର

(4) ସୀମନ୍ତ

**118.** 'ଚିଲିକା !' କେଉଁ ପ୍ରକାରର ପଦ ?

(1) ବିଶେଷଣ

(2) ବିଶେଷ୍ୟ

(3) ସମ୍ବୋଧନାତ୍ମକ

(4) କ୍ରିୟା ବିଶେଷଣ

**119.** 'ଭାଜନ' ଶବ୍ଦର ଅର୍ଥ ହେବ—

(1) ଯୋଗ୍ୟ

(2) ସୁନ୍ଦର

(3) ଭାଗ୍ୟ

(4) ଶ୍ରେଷ୍ଠ

**120.** କବି ନିଜକୁ କାହା ସହିତ ତୁଳନା କରିଛନ୍ତି ?

(1) ସଂସାରୀ

(2) ସ୍ୱପ୍ନ ଦେଖୁଥିବା ମଣିଷ

(3) ଚିଲିକା

(4) କାରାଗୃହରେ ଥିବା ବନ୍ଦୀ

ପରୀକ୍ଷାର୍ଥୀ **ଭାଷା–II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–V**ରେ **(ପ୍ରଶ୍ନ ସଂଖ୍ୟା 121–150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

Candidates should attempt the questions from **Part–V (Q. Nos. 121–150)**, if they have opted **ODIA** as **Language–II** only.

# Part—V / ଭାଗ—V

# Language—II / ଭାଷା—II

# Odia / ଓଡ଼ିଆ

ପରୀକ୍ଷାର୍ଥୀ **ଭାଷା–II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–Vରେ (ପ୍ରଶ୍ନ ସଂଖ୍ୟା 121–150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

**ନିର୍ଦ୍ଦେଶ :** ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛି ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ **(ପ୍ରଶ୍ନ ସଂଖ୍ୟା 121–135)**।

**121.** ସମାବେଶୀ କକ୍ଷ (Inclusive class)ରେ ପିଲାମାନେ ସବୁଠାରୁ ଅଧିକ ଭୁଲ୍ କରିଥାନ୍ତି—

(1) ପଢ଼ିବାରେ

(2) ଲେଖିବାରେ

(3) କହିବାରେ

(4) ଏ ସମସ୍ତ କ୍ଷେତ୍ରରେ

**122.** ‘‘ବ୍ୟାକରଣ ଉଭୟ ବ୍ୟାବହାରିକ ଓ ସୈଦ୍ଧାନ୍ତିକ।’’ ଏ ଉକ୍ତି ସହିତ ଆପଣ କେତେ ପରିମାଣରେ ସହମତ ?

(1) ପୂର୍ଣ୍ଣ ସହମତ

(2) ଆଂଶିକ ରୂପେ ସହମତ

(3) ଅସହମତ

(4) ସହମତ ଏବଂ କେତେକାଂଶରେ ଅସହମତ ମଧ୍ୟ

**123.** ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ଶିକ୍ଷାର୍ଥୀଙ୍କୁ ଭାଷା ଶିକ୍ଷାରେ ଆକୃଷ୍ଟ କରାଇବାକୁ ହେଲେ କ’ଣ ଆବଶ୍ୟକ ?

(1) ଶିକ୍ଷାର୍ଥୀଙ୍କୁ ବହି ପଢ଼ିବାକୁ ଉପଦେଶ ଦେବା

(2) ଶିକ୍ଷାର୍ଥୀଙ୍କୁ ବହୁବାର ଉପଦେଶ ଦେବା

(3) ଶିକ୍ଷାର୍ଥୀଙ୍କୁ ଅଧିକ ପରିମାଣରେ ଶ୍ରୁତଲିଖନ ଦେବା

(4) ଶିକ୍ଷାର୍ଥୀଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି କରାଇବାର ପ୍ରଚେଷ୍ଟା କରିବା

**124.** ମୌଖିକ ପ୍ରସ୍ତୁତିକରଣ (presentation) ନିମନ୍ତେ ଏଥିମଧ୍ୟରୁ କେଉଁ ପଦ୍ଧତି ଉପଯୁକ୍ତ ମନେ ହୁଏ ?

(1) ସ୍ୱର ପ୍ରସ୍ତୁତିକରଣ

(2) କବିତା ଆବୃତ୍ତି

(3) ସାମନା–ସାମନି ଉତ୍ତର ଦେବା ପ୍ରସ୍ତୁତି

(4) ସଂକେତ ଭାଷା ମାଧ୍ୟମରେ ପ୍ରସ୍ତୁତିକରଣ

**125.** ''ପିଲା ପାଇଁ ମା'ର କ୍ଷୀରର ଆବଶ୍ୟକତା ଭଳି, ମନୁଷ୍ୟର ସଜ୍ଞାନାତ୍ମକ ବିକାଶ ପାଇଁ ମାତୃଭାଷାର ଆବଶ୍ୟକତା ରହିଛି।'' ଏ ଉକ୍ତିଟି କାହାର ?

(1) ରାଜର୍ଷି ଟଣ୍ଡନ

(2) ରାଇବନ୍

(3) ମହାତ୍ମା ଗାନ୍ଧୀ

(4) ବିବେକାନନ୍ଦ

**126.** ଶିକ୍ଷାର୍ଥୀଙ୍କର ଯେଉଁ ଭାଷାରେ ଜ୍ଞାନ ନାହିଁ, ଯଦି ସେଇ ଭାଷା ତାଙ୍କ ଶିକ୍ଷାର ମାଧ୍ୟମ ହୁଏ, ତେବେ—

(1) ଶିକ୍ଷାର୍ଥୀ ସମୁଚିତ ଧ୍ୟାନ ଦେବା ସମ୍ଭବ ନୁହେଁ

(2) ଶିକ୍ଷାର୍ଥୀ ଚାପରେ ରହି ଯେକୌଣସି ପ୍ରକାରେ ଅଭ୍ୟାସ କରିଥାନ୍ତି

(3) ଶିକ୍ଷାର୍ଥୀଙ୍କର ପଢ଼ିବାରେ ଆଗ୍ରହ କମି ଯାଇଥାଏ

(4) ଏ ସମସ୍ତ ଅସୁବିଧା ଦେଖାଦେଇଥାଏ

**127.** ଭାଷା ଶିକ୍ଷଣରେ ଭାଷାର ଆଭ୍ୟନ୍ତରୀକରଣର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦିଗଟି ହେଲା—

(1) ଶ୍ରବଣ ଏବଂ କଥନ

(2) ଶ୍ରବଣ

(3) କଥନ

(4) ଲିଖନ

**128.** ଭାଷା ଶିକ୍ଷଣରେ ପଠନ ସାମଗ୍ରୀର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା—

(1) କମ୍ ସମୟରେ ଅଧିକ ଜ୍ଞାନ ଅର୍ଜନ କରିବା

(2) ପଠନ ସାମଗ୍ରୀରେ କଠିନ ଅଂଶଗୁଡ଼ିକର ଉପଯୁକ୍ତ ବ୍ୟାଖ୍ୟା କରିବା

(3) ଶିକ୍ଷାର୍ଥୀଙ୍କର ପାଠ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇବା

(4) ଶିକ୍ଷକଙ୍କୁ ଶିକ୍ଷାଦାନରେ କମ୍ ପରିଶ୍ରମ କରିବାକୁ ପଡ଼ିବା

**129.** ''ମେଧାବୀ ଶିକ୍ଷାର୍ଥୀଙ୍କର ଅଧିକ ପରିମାଣରେ ଶବ୍ଦ ତଥା ଉଚ୍ଚାରଣ ଜ୍ଞାନ ଥାଏ।'' ଏ କଥା କିଏ କହିଛନ୍ତି ?

(1) ଟର୍‌ମ୍ୟାନ୍

(2) ଫିଶର୍

(3) ଥାମ୍ପା

(4) ଏମାନେ ସମସ୍ତେ

**130.** ଶବ୍ଦର ସ୍ପଷ୍ଟ ଅର୍ଥ ପ୍ରଦାନ ଅପେକ୍ଷା ଉନ୍ନତ ପଦ୍ଧତି ହେଲା—

(1) ଶବ୍ଦର ବ୍ୟାଖ୍ୟା କରିବା

(2) ଶବ୍ଦକୋଷର ସହାୟତାରେ ପଢ଼ାଇବା

(3) ପୂର୍ବାନୁମାନ ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବା, ଫଳରେ ସେମାନେ ଅନୁମାନ କରି କହିପାରିବେ

(4) ଭାଷା ଶିକ୍ଷଣ ମାଧ୍ୟରେ ଶବ୍ଦାର୍ଥ ସ୍ପଷ୍ଟ କରିଦେବା

**131.** ଏଥିମଧ୍ୟରୁ କେଉଁ ପଦ୍ଧତିର ଉପଯୋଗରେ, ମୁଦ୍ରିତ ପାଠ୍ୟପୁସ୍ତକର ସହାୟତା ବିନା, ଅନ୍ୟ ଏକ ଭାଷା ଶିକ୍ଷା କରାଯାଇପାରେ ?

(1) ପ୍ରାକୃତିକ ଅଭିଗମ (Natural approach)

(2) ଭାଷା ପ୍ରବାହ (Language immersion)

(3) ବ୍ୟାକରଣ ଅନୁବାଦ ପଦ୍ଧତି (Grammar translation approach)

(4) ସ୍ଥିତିଜନ୍ୟ ପଦ୍ଧତି (Situational approach)

**132.** ତ୍ରୁଟିପୂର୍ଣ୍ଣ ପଠନର ଅନ୍ୟତମ କାରଣ—

(1) ବହୁଭାଷିକତା

(2) ଦ୍ୱି–ଭାଷିକତା

(3) କକ୍ଷରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀଙ୍କର ଉପସ୍ଥିତି

(4) ପଠନ ସମୟରେ ବାରମ୍ବାର ଉପଦେଶ ଦେଇ ବାଧା ସୃଷ୍ଟି କରିବା

**133.** ଏଥିମଧ୍ୟରୁ କେଉଁ ଶିକ୍ଷଣ–ଅଧିଗମ (teaching-learning) କଠିନତାକୁ ଶବ୍ଦ ଜ୍ଞାନ ପଦ୍ଧତି ମାଧ୍ୟମରେ ସମାଧାନ କରାଯାଇପାରିବ ?

(1) ବାକ୍ୟ ଗଠନର କ୍ରମ ନିର୍ଦ୍ଧାରଣ

(2) ଶୁଦ୍ଧ ଉଚ୍ଚାରଣ

(3) ଶିକ୍ଷାର୍ଥୀ ବ୍ୟାଖ୍ୟା କରିବାରେ ଅସୁବିଧାର ସମ୍ମୁଖୀନ ହେବା

(4) ଏ ସମସ୍ତ

**134.** ଏଥିମଧ୍ୟରୁ କେଉଁଟି କୌଶଳ ଉଦ୍ଦେଶ୍ୟ (Skill objective) ସହ ସଂପୃକ୍ତ ନୁହେଁ ?

(1) ପଠନ

(2) ଲିଖନ

(3) ଶ୍ରବଣ

(4) ଭାଷାରେ ରୁଚି

**135.** ଭାଷା ବିକାଶରେ କ'ଣ ବାଧା ସୃଷ୍ଟି କରିଥାଏ ?

(1) ସ୍ୱାସ୍ଥ୍ୟ

(2) ବୁଦ୍ଧି

(3) ବ୍ୟକ୍ତି–ବ୍ୟକ୍ତିମଧ୍ୟରେ ଅସମାନତା

(4) ଏ ସମସ୍ତ

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ **(ପ୍ରଶ୍ନ ସଂଖ୍ୟା 136–143)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ।

''ସମାଜ ମାନବିକ ସଂଗଠନ। କିନ୍ତୁ ମନୁଷ୍ୟ-ମନୁଷ୍ୟର ସଂଗଠନ ମାତ୍ରେ ସମାଜ-ପଦର ଯୋଗ୍ୟ ନୁହେଁ। ମନୁଷ୍ୟ ମନୁଷ୍ୟ ମଧ୍ୟରେ ବ୍ୟବସାୟର ତାରତମ୍ୟ ଘେନି, ଶ୍ରେଣୀସ୍ୱାର୍ଥ ଓ ଆର୍ଥନୀତିକ ସମସ୍ୟା ଘେନି, ସୂତ୍ରଧାର-ଗୋଷ୍ଠୀ, କର୍ମକାର-ଗୋଷ୍ଠୀ, ବେପାରୀ-ଗୋଷ୍ଠୀ, କୃଷକ-ଗୋଷ୍ଠୀ, ମହାଜନ-ଗୋଷ୍ଠୀ, ଖାତକ-ଗୋଷ୍ଠୀ ପ୍ରଭୃତିର ସ୍ଥାନ ଅଛି। ସେହିପରି ଜାତି-କୃଷ୍ଟିଗତ, ରାଜନୀତିଗତ, ଧର୍ମଗତ ଭେଦ-ପ୍ରଯୁକ୍ତ ବିଭିନ୍ନ ଦେଶର, ବିଭିନ୍ନ ସଂପ୍ରଦାୟର ସ୍ଥାନ ରହିଛି। ମାନବର ଗୋଷ୍ଠୀ ମାନବର ଦେଶସଂସ୍ଥିତି, ମାନବର ସଂପ୍ରଦାୟ ଏମାନେ ଗୋଟିଏ ଗୋଟିଏ ସଂଗଠନ। ଏମାନେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ପୃଥକତ୍ୱର ନିଦର୍ଶନ। ଯେଉଁଠାରେ ଗୋଟିଏ ଗୋଷ୍ଠୀକୁ, ଗୋଟିଏ ଦେଶକୁ ବା ସଂପ୍ରଦାୟକୁ ଆମ୍ଭେମାନେ ଅନୁଭବ କରୁ, ସେଠାରେ ବିଭିନ୍ନ ଗୋଷ୍ଠୀ, ବିଭିନ୍ନ ଦେଶର ବା ସଂପ୍ରଦାୟର ଅବସ୍ଥାନ ଆମ୍ଭେମାନେ ଅନୁଭବ କରିଥାଉଁ। ମୂଲିଆ-ଗୋଷ୍ଠୀ ଥିଲେ ମାଲିକ ଗୋଷ୍ଠୀ, ମହାଜନ-ଗୋଷ୍ଠୀ ଥିଲେ ଖାତକ-ଗୋଷ୍ଠୀ ଅଛି; ଉତ୍କଳ ପ୍ରଦେଶ ଥିଲେ ଅନୁତ୍କଳ ପ୍ରଦେଶ, ହିନ୍ଦୁ ସଂପ୍ରଦାୟ ଥିଲେ ଅହିନ୍ଦୁ ସଂପ୍ରଦାୟ ଅଛି। କେବଳ ଗୋଟିଏ ସଂଘ ଯେ ଅନ୍ୟର ପାର୍ଶ୍ୱରେ ଅବସ୍ଥିତ, ତାହା ନୁହେଁ। ଏକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ଆକ୍ରମଣ କରିବା ପାଇଁ, ଏକ ଧର୍ମ ସଂପ୍ରଦାୟ ଅନ୍ୟକୁ ପରାସ୍ତ କରିବା ପାଇଁ ପ୍ରସ୍ତୁତ। ସମାଜ ମାନବର ଏକତ୍ୱ ସୂଚକ। ସମାଜର ଭିନ୍ନ ଭିନ୍ନ ଲୋକ, ଭିନ୍ନ ଭିନ୍ନ ଲୋକ-ଗୋଷ୍ଠୀ, ଭିନ୍ନ ଭିନ୍ନ ସଂସ୍କୃତିମୂଳକ ଜାତି, ଧର୍ମମୂଳକ ସଂପ୍ରଦାୟ ଏକ ଶୃଙ୍ଖଳରେ ଶୃଙ୍ଖଳିତ। କେବଳ ଏକତ୍ୱ ନୁହେଁ, ମାନବ-ମାନବ ସ୍ଥିତ ବୃହତ୍ ସଂପର୍କ ସମାଜ ଦ୍ୱାରା ପ୍ରକଟିତ ହୁଏ। ସମାଜ ବିଶାଳ ମାନବ-ସଂସାରର ବ୍ୟାପକତମ ମହତ୍ତମ ସଂଗଠନ। ତାହା ଅନ୍ତିମ ସଂଗଠନ ଯାହାକି ଶ୍ରେଣୀଗତ, ବ୍ୟବସାୟଗତ, ଦେଶଗତ, ଧର୍ମଗତ ପ୍ରଭେଦ ସତ୍ତ୍ୱେ ଲୋକସମୂହକୁ, ଭୂତ-ବର୍ତ୍ତମାନ-ଭବିଷ୍ୟତ ଲୋକବର୍ଗକୁ ଧାରଣ କରିପାରେ, ବହନ କରିପାରେ।''

**136.** ଅନୁଚ୍ଛେଦଟିରେ କେଉଁ ଗୋଷ୍ଠୀର ଉଲ୍ଲେଖ ନାହିଁ ?

(1) ମହାଜନ-ଗୋଷ୍ଠୀ

(2) କର୍ମକାର-ଗୋଷ୍ଠୀ

(3) ଶିକ୍ଷକ-ଗୋଷ୍ଠୀ

(4) ଲୋକ-ଗୋଷ୍ଠୀ

**137.** ସମାଜ ମାନବର—

(1) ଭବିଷ୍ୟତ

(2) ସାମାଜିକ ସଂଗଠନ

(3) ଏକତ୍ୱ ସୂଚକ

(4) ବୃହତ୍ ସଂପର୍କ ସୂଚକ

**138.** ଆମେ କ'ଣ ଅନୁଭବ କରିପାରୁ ?

(1) ବିଭିନ୍ନ ଗୋଷ୍ଠୀଙ୍କୁ

(2) ବିଭିନ୍ନ ସଂପ୍ରଦାୟର ସହାବସ୍ଥାନ

(3) ଏକ ଗୋଷ୍ଠୀର ଅନ୍ୟ ସମସ୍ତ ଗୋଷ୍ଠୀ ସହ କଳହ

(4) ମନୁଷ୍ୟର ସଂଗଠନହିଁ ସମାଜ

**139.** 'ନିଦର୍ଶନ' ଶବ୍ଦର ଅର୍ଥ ହେବ—

(1) ଆକ୍ରମଣ

(2) ପ୍ରୋତ୍ସାହନ

(3) ବାରଣ

(4) ଉଦାହରଣ

**140.** କେଉଁମାନେ ଏକ ଶୃଙ୍ଖଳରେ ଶୃଙ୍ଖଳିତ ବୋଲି କୁହାଯାଇଛି ?

(1) ଭିନ୍ନ ଗୋଷ୍ଠୀ, ଭିନ୍ନ ଜାତି, ଧର୍ମ ସଂପ୍ରଦାୟ ଏବଂ ଭିନ୍ନ ଭିନ୍ନ ଲୋକ

(2) ଭୂତ, ବର୍ତ୍ତମାନ ଓ ଭବିଷ୍ୟତ

(3) ମଣିଷ, ସମାଜ ଓ ସଂଗଠନ

(4) କର୍ମକାର, ସୂତ୍ରଧାର, ଖାତକ ଓ ମହାଜନ

**141.** 'ମାନବିକ' ଶବ୍ଦର ଗଠନ କାହା ସାହାଯ୍ୟରେ ସମ୍ଭବ ହୋଇଛି ?

(1) ତଦ୍ଧିତ ପ୍ରତ୍ୟୟ

(2) କୃଦନ୍ତ ପ୍ରତ୍ୟୟ

(3) ସର୍ବନାମର ପ୍ରୟୋଗ

(4) ଉପସର୍ଗର ବ୍ୟବହାର

**142.** ସୂତ୍ରଧାର–ଗୋଷ୍ଠୀ, କର୍ମକାର–ଗୋଷ୍ଠୀ, ବେପାରୀ–ଗୋଷ୍ଠୀ, କୃଷକ–ଗୋଷ୍ଠୀ, ମହାଜନ–ଗୋଷ୍ଠୀ ଆଦି କେଉଁ ପ୍ରକାରର ପ୍ରୟୋଗ ?

(1) ଯୁଗ୍ମ ଶବ୍ଦ

(2) ଜଟିଳ ଶବ୍ଦ

(3) ଯୁଗଳ ଶବ୍ଦ

(4) ଯୌଗିକ ଶବ୍ଦ

**143.** 'ବ୍ୟାପକତମ'ର ପୂର୍ବବର୍ତ୍ତୀ ଅବସ୍ଥାକୁ କ'ଣ କୁହାଯାଇପାରିବ ?

(1) ବ୍ୟାପକ

(2) ଅତି ବ୍ୟାପକ

(3) ବ୍ୟାପକତର

(4) ବ୍ୟାପକକ୍ରମ

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ **(ପ୍ରଶ୍ନ ସଂଖ୍ୟା 144–150)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ ।

"ଜଗତର ରମଣୀୟତା ଉପଭୋଗ କରିବା ପାଇଁ ମନୁଷ୍ୟ ଜୀବନରେ ଯୌବନର ସୃଷ୍ଟି । ଆନନ୍ଦର ଉପକରଣଗୁଡ଼ିକ ଯୁବକ ଦୃଷ୍ଟିରେ ବିଶେଷ ଭାବରେ ଆବୃତ ହୋଇଥାଏ । ସୌନ୍ଦର୍ଯ୍ୟର ମୂଲ୍ୟ ବୁଝେ ଯୁବକ । ହୃଦୟର ଉପାସନାରେ ଯୁବକର ଯେ ଆତ୍ମବିସ୍ମୃତି ଆସେ ଓ ଯେଉଁ ନିଭୃତ ଦାନରେ ତା'ର ମସ୍ତକ ଅବନତ ହୋଇପଡ଼େ, ତାହା ସୌନ୍ଦର୍ଯ୍ୟର କୁହୁକ ସ୍ପର୍ଶଛଡ଼ା ଅନ୍ୟ କିଛି ନୁହେଁ । ଅନ୍ତରର ଭାବ ବିନିମୟରେ ନିଜତ୍ୱ ଭୁଲିଯାଇ ଅପର ନିକଟରେ ଆତ୍ମତ୍ୟାଗର ଚରମ ନିଦର୍ଶନ ଦେଖାଇବା କେବଳ ଯୁବକ ପକ୍ଷରେ ସମ୍ଭବପର ହୋଇଥାଏ । ପ୍ରାପ୍ତି ସଂଗେ ଦାନ ତୁଳନା କଲେ ଜଗତରେ ଯୁବକର ସ୍ଥାନ ଅତି ଉଚ୍ଚରେ ନିର୍ଦ୍ଦେଶ କରାଯାଇପାରେ । ଯେତେଥର କିଛି ମହତ୍ କିମ୍ବା ଦୁଷ୍ପ୍ରାପ୍ୟ ବସ୍ତୁ ଗ୍ରହଣ କରିବାକୁ ଯୁବକର ପ୍ରେରଣା ଆସିଛି, ସେ ତା'ର ଉପଯୁକ୍ତ ମୂଲ୍ୟ ଦେବାରେ କୁଣ୍ଠିତ ହୋଇନାହିଁ । ହୃଦୟକୁ ପୂର୍ଣ୍ଣ ଭାବରେ ଉନ୍ମୁକ୍ତ କରିବାକୁ ସେ ପଶ୍ଚାତ୍‌ପଦ ହୁଏନାହିଁ । ହୃଦୟ ବଳରେ ସେ ପରକୁ ଆପଣାର କରିନିଏ । ପ୍ରେମ ବିତରଣ କରିବା ତା'ର ଗୋଟିଏ ସ୍ୱାଭାବିକ ଗୁଣ । ଜଗତର ଲାଞ୍ଛନା ଓ ପ୍ରବଞ୍ଚନା ଯୁବକ ପ୍ରାଣକୁ ଶତ ଆଘାତ କରେ । ଯାହା ନିକଟରୁ ସେ ଥରକ ପାଇଁ ଟିକେ ଆଶ୍ୱାସନା ପାଇଥାଏ, ସେ ତା' ପ୍ରତି ନିର୍ମମ ବ୍ୟବହାର କରିପାରେ; କିନ୍ତୁ ଯୁବକ ପ୍ରାଣର ସରଳତାରେ ସବୁ ଭୁଲିଯାଏ । ମୁହୂର୍ତ୍ତକର ଅନୁଭୂତି ହୃଦୟରେ ଯେ ଆବେଗ ଆଣେ ଓ ଅତି କ୍ଷୀଣ ଅବଲମ୍ବନରେ ଆଶାର ଯେ ସରସ କୁସୁମ ଫୁଟି ଉଠେ, ତାହା ଯୌବନ ଛଡ଼ା ଅନ୍ୟ ସମୟରେ ସମ୍ଭବପର ହୁଏ ନାହିଁ ।"

**144.** ଲେଖକଙ୍କ ଦୃଷ୍ଟିରେ ଯୌବନର ସୃଷ୍ଟି କାହିଁକି ହୋଇଥାଏ ?

(1) ଆନନ୍ଦ ଉପଭୋଗ ପାଇଁ

(2) ସୌନ୍ଦର୍ଯ୍ୟର ମୂଲ୍ୟ ବୁଝିବା ପାଇଁ

(3) ଜଗତର ରମଣୀୟତା ଉପଭୋଗ କରିବା ପାଇଁ

(4) ଆତ୍ମତ୍ୟାଗର ନମୁନା ଦେଖାଇବା ପାଇଁ

**145.** କିଏ ହୃଦୟକୁ ପୂର୍ଣ୍ଣ ଭାବରେ ଉନ୍ମୁକ୍ତ କରିବାକୁ ଆଗେଇ ଯାଇଥାଏ ?

(1) ଯୁବକ

(2) ଆନନ୍ଦ ଲାଭ କରୁଥିବା ବ୍ୟକ୍ତି

(3) ନିର୍ମମ ବ୍ୟବହାର ଦେଖାଉଥିବା ବ୍ୟକ୍ତି

(4) ଲେଖକ ନିଜେ

**146.** କେତେବେଳେ 'ଆଶାର ସରସ କୁସୁମ' ଫୁଟିଉଠିଥାଏ ?

(1) ଯୌବନକୁ ଅପେକ୍ଷା କରିବା ବେଳେ

(2) ଯୌବନ ଚାଲିଯିବା ପରେ

(3) ଯୌବନର ଆଗମନରେ

(4) ଜୀବନର ସବୁ ସମୟରେ

**147.** 'ରମଣୀୟତା' କେଉଁ ପ୍ରକାରର ଶବ୍ଦ ?

(1) ବିଶେଷ୍ୟ

(2) ବିଶେଷଣ

(3) ସମ୍ବୋଧନାତ୍ମକ

(4) କ୍ରିୟା ବିଶେଷଣ

**148.** 'ନିରସ' କେଉଁ ଶବ୍ଦର ବିପରୀତାର୍ଥକ ଶବ୍ଦ ?

(1) ଦୁଷ୍ପ୍ରାପ୍ୟ

(2) ଆତ୍ମବିସ୍ମୃତି

(3) ଲାଞ୍ଛନା

(4) ସରସ

**149.** "ଜଗତର ଲାଞ୍ଛନା ଓ ପ୍ରବଞ୍ଚନା ଯୁବକ ପ୍ରାଣକୁ ଶତ ଆଘାତ କରେ।" ଏଥିରେ 'ପ୍ରବଞ୍ଚନା'ର ସମକକ୍ଷ ଶବ୍ଦ ହେବ—

(1) ଅବନତ

(2) ପ୍ରତାରଣା

(3) ପ୍ରେରଣା

(4) ଅସମ୍ମାନ

**150.** ଯୁବକ କେଉଁ ପରିସ୍ଥିତିରେ ତା'ର ନିଜତ୍ୱ ଭୁଲିଯାଏ ?

(1) ପ୍ରାପ୍ତି ସମୟରେ

(2) ହୃଦୟକୁ ପୂର୍ଣ୍ଣ ଭାବରେ ଉନ୍ମୁକ୍ତ କରିଦେବା ସମୟରେ

(3) ଅନ୍ତରର ଭାବ ବିନିମୟ କାଳରେ

(4) ସ୍ୱାଭାବିକ ଅବସ୍ଥାରେ

★ ★ ★

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲଭାବରେ ପାଠ କରନ୍ତୁ :*

**1.** ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ସେଗୁଡ଼ିକୁ ଭଲଭାବରେ ପଢ଼ିନେବା ଉଚିତ୍ ।

**2.** ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର **ପୃଷ୍ଠା–2** ରେ **କଳା/ନୀଳ ବଲ୍‌ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

**3.** ଉତ୍ତର ଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍ ନମ୍ବର ଲେଖାଯିବ ନାହିଁ ।

**4.** ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ଯତ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳା ଯାଇପାରିବ ନାହିଁ ।

**5.** ଉପସ୍ଥାନ ଖାତାରେ (Attendance Sheet) ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତର ଖାତାର କ୍ର. ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

**6.** OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।

**7.** କେବଳ ପ୍ରବେଶ ପତ୍ର (Admit Card) ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ, ମୋବାଇଲ୍ ଫୋନ୍, ପେଜର ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇପାରିବେ ନାହିଁ ।

**8.** ମୋବାଇଲ୍ ଫୋନ୍, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।

**9.** ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।

**10.** ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

**11.** ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ ।

**12.** କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

**13.** ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସି.ବି.ଏସ୍.ଇ.ର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**14.** କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତର ପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ୍ କରାଯାଇପାରିବ ନାହିଁ ।

**15.** **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

## निम्नलिखित निर्देशों को ध्यान से पढ़ें :

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर-पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉलपॉइंट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर-पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर-पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर-पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर-पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाजिरी-पत्र में लिखें।
6. OMR उत्तर-पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर-पत्र दिए बिना एवं हाजिरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार हाजिरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर-पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अँगूठे का निशान हाजिरी-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा।
14. किसी हालत में परीक्षा पुस्तिका और उत्तर-पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर-पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ballpoint Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
8. Mobile phones, wireless communication devices (even in switched off mode) and the other banned items should not be brought in the Examination Halls/Rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall/Room.** ***The candidates are allowed to take away this Test Booklet with them.***